**Indian Journal of Modern Research and Reviews**

**This Journal is a member of the '*Committee on Publication Ethics*'**

**Online ISSN:**2584-184X

*Research Article*

# ମାନବୀୟ ସମ୍ବେଦନା ଓ ନୈତିକ ଆଦର୍ଶ : ଡକ୍ଟର ରାମଚନ୍ଦ୍ର ନାୟକଙ୍କ ଗଳ୍ପ ସମ୍ଭାର

**ନିଶିକାନ୍ତ ବଳ**

ପୁରାତନ ଛାତ୍ର, ରେଭେନ୍ସା ବିଶ୍ୱବିଦ୍ୟାଳୟ,କଟକ,ଭାରତ।

**Corresponding Author:** *ନିଶିକାନ୍ତ ବଳ

**DOI**: https://doi.org/10.5281/zenodo.20322831

**ସାରାଂଶ**

ଓଡ଼ିଆ ଶିଶୁ ସାହିତ୍ୟରେ ଡକ୍ଟର ରାମଚନ୍ଦ୍ର ନାୟକ ଜଣେ ପ୍ରତିଷ୍ଠିତ ଗାଳ୍ପିକ। ଶିଶୁମାନଙ୍କର ଗଳ୍ପ ପ୍ରତି ଥିବା ସ୍ୱାଭାବିକ ଆକର୍ଷଣକୁ ଆଧାର କରି ସେ ବହୁ ଜନପ୍ରିୟ ଗଳ୍ପ ସଂକଳନ ରଚନା କରିଛନ୍ତି। ତାଙ୍କର ପ୍ରମୁଖ କୃତିଗୁଡ଼ିକ ହେଲା - 'କଣ୍ଢେଇ ଖେଳ', 'ସୋଲାବାଲା', 'ଆମ ଦେଶର ଜାତୀୟ ପ୍ରତୀକ', 'ଆସ ଖୋଲିଦେବା ଗପର ପେଡ଼ି' ଏବଂ କେନ୍ଦ୍ର ସାହିତ୍ୟ ଆକାଦେମୀ ପୁରସ୍କାର ପ୍ରାପ୍ତ 'ବଣ ଦେଉଳର ସୁନା ନେଉଳ'। ତାଙ୍କ ଗଳ୍ପଗୁଡ଼ିକରେ କେବଳ ମନୋରଞ୍ଜନ ନାହିଁ, ବରଂ ନୀତିଶିକ୍ଷା, ଜାତୀୟତା ବୋଧ, ପରିବେଶ ସୁରକ୍ଷା, ସତ୍ୟବାଦିତା, ପରୋପକାର ଏବଂ ସ୍ୱଚ୍ଛତାର ବାର୍ତ୍ତା ଭରି ରହିଛି। ସେ ପୌରାଣିକ କାହାଣୀ, ଐତିହାସିକ କିମ୍ବଦନ୍ତୀ ଏବଂ ଜୀବଜନ୍ତୁଙ୍କ ମାଧ୍ୟମରେ ଶିଶୁମାନଙ୍କର ଜିଜ୍ଞାସା ପ୍ରଶମିତ କରିବା ସହ ସେମାନଙ୍କ ବ୍ୟକ୍ତିତ୍ୱ ଗଠନରେ ସହାୟକ ହୋଇଛନ୍ତି।

**Manuscript Information**

- **ISSN No:** 2584-184X
- **Received:** 08-04-2026
- **Accepted**: 12-05-2026
- **Published:** 18-05-2026
- **MRR:**4(5); 2026: 170-175
- **©2026, All Rights Reserved**
- **Plagiarism Checked:** Yes
- **Peer Review Process:** Yes

**How to Cite this Article**

ନିଶିକାନ୍ତ ବଳ, ମାନବୀୟ ସମ୍ବେଦନା ଓ ନୈତିକ ଆଦର୍ଶ : ଡକ୍ଟର ରାମଚନ୍ଦ୍ର ନାୟକଙ୍କ ଗଳ୍ପ ସମ୍ଭାର. Indian J Mod Res Rev. 2026;4(5):274-279.

**Access this Article Online**

www.mrrjournal.in

**ମୁଖ୍ୟ ଶବ୍ଦାବଳୀ :** ଶିଶୁ ,ମନସ୍ତତ୍ତ୍ୱ,ନୀତିଶିକ୍ଷା,ଜାତୀୟତା,ପରିବେଶ ସୁରକ୍ଷା,ହାସ୍ୟରସ,କେନ୍ଦ୍ର ସାହିତ୍ୟ ଆକାଦେମୀ, ରାମଚନ୍ଦ୍ର ନାୟକ।

## ଉପୋଦ୍‌ଘାତ

ଶିଶୁ ସାହିତ୍ୟର ବିଶାଳ ପରିଧି ମଧ୍ୟରେ 'କାହାଣୀ' ବା 'ଗଳ୍ପ'ର ଚାହିଦା ସର୍ବାଧିକ ବୋଲି ବିଶିଷ୍ଟ କଥାଶିଳ୍ପୀ ମନୋଜ ଦାସ ତାଙ୍କର ପ୍ରଣିତ ପ୍ରବନ୍ଧ "ପ୍ରାଚୀନ କାହାଣୀ ଓ ଶିଶୁ ସାହିତ୍ୟ: ବିଚାର ବିମର୍ଷ"ରେ ଉଲ୍ଲେଖ କରିଛନ୍ତି । ବିଶେଷ ଭାବେ ଶିଶୁ ସାହିତ୍ୟ ମଧ୍ୟରେ ଗଳ୍ପ ବିଭାଗ ପ୍ରତି ଶିଶୁମାନେ ଅଧିକ ପରିମାଣରେ ଆକୃଷ୍ଟ ହୋଇଥାନ୍ତି। ଶିଶୁର ମନରେ ଗଳ୍ପ ଶୁଣିବା ପାଇଁ ଏକ ଅହେତୁକ ଆକର୍ଷଣ ରହିଥାଏ। ଟିକିଏ ସମୟ ପାଇଲେ ସେ ଜେଜେ ଜେଜେମା କିମ୍ବା ଅଜା ଆଈ ନିକଟରେ ଅଝଟ କରିବସେ ଶୁଣିବା ପାଇଁ। ଶିଶୁ-ସମାଜରେ ଏହି ଗଳ୍ପ ବା କାହାଣୀ ପ୍ରିୟତା ଅର୍ଜ୍ଜନ କରିବାର ଏକ ବଳିଷ୍ଠ କାରଣ ହେଲା "ଶିଶୁର ମାନସ ରାଜ୍ୟରେ ଉତ୍‌ଥିତ ଜିଜ୍ଞାସାକୁ ଶାନ୍ତ କରିବା। ତାଙ୍କର ମନୋଜ୍ଞ ପରିବେଶ ମଧ୍ୟରେ ଶିଶୁ ତା'ର ଚତୁର୍ଦ୍ଦିଗରେ ଘେରି ରହିଥିବା ବିଭିନ୍ନ ବସ୍ତୁ ବା ବ୍ୟକ୍ତି ସମ୍ବନ୍ଧରେ ଜାଣିବାର ସୁଯୋଗ ଲାଭ କରିଥାଏ। ବିଭିନ୍ନ ବିଷୟ, ବ୍ୟକ୍ତି ବା ପଦାର୍ଥ ସହିତ ପରିଚିତ ହେବାକୁ ସେ ସତତ ବ୍ୟାକୁଳ ହୋଇ ଉଠେ। ତା'ର ଏହି ଉତ୍ତୁକୂଳ ବ୍ୟାକୁଳତା ଗଳ୍ପ ମାଧ୍ୟମରେ ପରିପୂର୍ଣ୍ଣ ଲାଭ କରିଥାଏ। ତେଣୁ ଶିଶୁର ବ୍ୟକ୍ତିତ୍ୱର(Personality) ବିକାଶ ଦିଗରେ ଗଳ୍ପଗୁଡ଼ିକ ଖୁବ୍ ସହାୟକ ହୋଇଥାଏ ବୋଲି ଶିଶୁ-ସାହିତ୍ୟର



© 2026 ନିଶିକାନ୍ତ ବଳ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ସମୀକ୍ଷକମାନେ ମତ ପ୍ରକାଶ କରନ୍ତି ,ବୋଲି ଡ .ମନୀନ୍ଦ୍ର ମହାନ୍ତିଙ୍କ ଓଡ଼ିଆ ଶିଶୁସାହିତ୍ୟ ଉନ୍ମେଷ ଓ ବିକାଶ ପୁସ୍ତକରୁ ସୂଚନା ମିଳେ। ଶିଶୁ ମନସ୍ତତ୍ତ୍ୱର ବିକାଶ ପ୍ରକ୍ରିୟାରେ ଗଳ୍ପ କେବଳ ମନୋରଞ୍ଜନର ଏକ ମାଧ୍ୟମ ନୁହେଁ, ବରଂ ଏହା ଶାଣିତ ନୀତିଶିକ୍ଷା ପ୍ରଦାନ କରି ଶିଶୁର ଜୀବନଧାରାକୁ ଶୃଙ୍ଖଳିତ ତଥା ନିୟନ୍ତ୍ରିତ କରିବାରେ ଏକ ଅମୋଘ ଆୟୁଧ। ଗଳ୍ପର ଭାବ ସମ୍ପଦ ଦୁର୍ବୋଧତାଠାରୁ ଦୂରରେ ରହିଥାଏ; ଏହାର ବିଷୟବସ୍ତୁ ସର୍ବଦା ଅନନ୍ତ, ଚିରନ୍ତନ ଏବଂ ପରିଚିତ  ଉପରେ ପର୍ଯ୍ୟବେସିତ। ଏହି ସରଳତା ଓ ସାର୍ବଜନୀନତା କାରଣରୁ ଗଳ୍ପ ସବୁ ଶ୍ରେଣୀର ପାଠକଙ୍କ ହୃଦୟରେ ଅପୂର୍ବ ରସସୃଷ୍ଟି କରିବାରେ ସମର୍ଥ ହୋଇଥାଏ।

ଏକବିଂଶ ଶତାବ୍ଦୀର ଓଡ଼ିଆ ଶିଶୁ ସାହିତ୍ୟ ଆକାଶରେ ଡକ୍ଟର ରାମଚନ୍ଦ୍ର ନାୟକ ଏକ ଉଜ୍ଜ୍ୱଳ ନକ୍ଷତ୍ର। ବୃତ୍ତିରେ ଜଣେ ଆଦର୍ଶ ଶିକ୍ଷକ ଓ ପ୍ରବୃତ୍ତିରେ ସାରସ୍ୱତ ସାଧକ ପରିଚିତ। ଶିଶୁ ସାହିତ୍ୟର ପ୍ରତିଟି ପର୍ଯ୍ୟାୟରେ ତାଙ୍କର ଲେଖନୀ ଅନର୍ଗଳ ଚାଳିତ ହୋଇ ଶିଶୁ ମନସ୍ତତ୍ତ୍ୱର ଗୂଢ଼ ପ୍ରାନ୍ତଗୁଡ଼ିକୁ ସ୍ପର୍ଶ କରିବାରେ ସଫଳ ହୋଇଛି। ଶିଶୁମାନଙ୍କ ପାଇଁ ସାହିତ୍ୟ ସୃଜନ କରିବା କୌଣସି ସହଜସାଧ ବ୍ୟାପାର ନୁହେଁ। ଏଥିପାଇଁ ପ୍ରଥମେ ଶିଶୁର ସରଳ ଭାବକୁ ଆପଣେଇବାକୁ ପଡ଼େ, ଯାହା ଡକ୍ଟର ନାୟକଙ୍କ କୃତିଗୁଡ଼ିକରେ ସ୍ୱତଃସ୍ଫୂର୍ତ୍ତ ଭାବେ ପ୍ରତିଫଳିତ। ତାଙ୍କ ସୃଷ୍ଟିର ମୂଳ ସ୍ରୋତରେ ଜଣେ ନିଷ୍ପାପ, କୋମଳ ଓ ସରଳ ଶିଶୁର ସ୍ୱର ଅନୁରଣିତ ହୁଏ। ସେ ଶିଶୁ ସାହିତ୍ୟର ବିଭିନ୍ନ ବିଭାଗରେ ସିଦ୍ଧହସ୍ତ ହୋଇଥିଲେ ହେଁ, ନିଜର  ଶିଶୁଗଳ୍ପ ସଂକଳନ ପାଇଁ  ଜାତୀୟ ସ୍ତରରେ ବିଶେଷ ସ୍ୱୀକୃତି ଓ ପରିଚୟ ଲାଭ କରିଛନ୍ତି। ଡକ୍ଟର ନାୟକଙ୍କ ଗଳ୍ପଗୁଡ଼ିକୁ ସୁଖପାଠ୍ୟ କରିବାରେ କେତେକ ପ୍ରମୁଖ ଉପାଦାନ ସହାୟକ ହୋଇଛି। ଯଥା: ୧-ଅତ୍ୟନ୍ତ ସରଳ ଭାଷା, ସ୍ୱତନ୍ତ୍ର ଶବ୍ଦ ସଂଯୋଜନା ଏବଂ ଧ୍ୱନ୍ୟାତ୍ମକ ଶବ୍ଦର ପ୍ରୟୋଗ ତାଙ୍କ କାହାଣୀଗୁଡ଼ିକୁ ଜୀବନ୍ତ କରିଥାଏ। ୨-ତାଙ୍କ ଗଳ୍ପଗୁଡ଼ିକରେ ନୀତିଶିକ୍ଷା, ପୌରାଣିକ ଆଖ୍ୟାନ, କିମ୍ବଦନ୍ତୀ, ହାସ୍ୟରସ ଏବଂ ପଶୁପକ୍ଷୀଙ୍କ ରୋମାଞ୍ଚକର କାହାଣୀ ସ୍ଥାନିତ। ଏହି ପରିପ୍ରେକ୍ଷୀରେ, ଡକ୍ଟର ନାୟକଙ୍କ ପ୍ରଣିତ ପାଞ୍ଚଗୋଟି  ଶିଶୁଗଳ୍ପ ସଂକଳନ ସମ୍ପର୍କରେ ପର୍ଯ୍ୟାୟକ୍ରମେ ବିସ୍ତୃତ ଆଲୋଚନା କରାଯାଇପାରେ।

ଗାଳ୍ପିକଙ୍କ ପ୍ରଥମ ଗଳ୍ପ ସଂକଳନ 'କଣ୍ଢେଇ ଖେଳ' ଯାହା ପ୍ରଥମେ ପ୍ରକାଶ ପାଏ କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର ଦ୍ୱାରା ୧୯୯୧ ମସିହାରେ । ଏଥିରେ ତେରଗୋଟି ଗଳ୍ପ ଦେଖିବାକୁ ମିଳେ । ସଂକଳନର ସମସ୍ତ ଗଳ୍ପରେ ନୀତିଶିକ୍ଷା, କର୍ମ କରିବା ପାଇଁ ପ୍ରେରଣା, ଉତ୍ତମ ଚରିତ୍ର ଗଠନ ତଥା ଶିଶୁ ମନରେ ଉପସ୍ଥିତ ବୁଦ୍ଧି ଯୋଗାଇ ନୀତି ଅନୀତିର ସୁଫଳ କୁଫଳର ବାର୍ତ୍ତା ଭରିଦେବା ପାଇଁ ସଫଳ ପ୍ରୟାସ ଗାଳ୍ପିକ କରିଛନ୍ତି। ଗାଳ୍ପିକଙ୍କ ସ୍ୱତନ୍ତ୍ରତା ଏହି ଯେ ସେ ଗଳ୍ପରେ ହାସ୍ୟ ଉଦ୍ଦିପକ ଶବ୍ଦର ପ୍ରୟୋଗ କରିଛନ୍ତି। ଉପଦେଶ, କର୍ତ୍ତବ୍ୟପରାୟଣତା ଓ ହାସ୍ୟରସ ଆଦି ଉପାଦାନ ମାନଙ୍କରେ ବିମଣ୍ଡିତ ହୋଇଛି ପ୍ରଥମ ଗଳ୍ପ 'କାଠ କଣ୍ଢେଇର ମୁହଁରେ ହସ'। ଏହି ଗଳ୍ପରେ ଥିବା ଚରିତ୍ର ଓ ସ୍ଥାନ ମାନଙ୍କର ନାମକରଣକୁ ବିଶେଷ ଭାବରେ ଉପସ୍ଥାପନ କରି ଗାଳ୍ପିକ ହାସ୍ୟରସର ଅବତାରଣା କରିଛନ୍ତି। ଗଳ୍ପରେ ବର୍ଣ୍ଣିତ ଅଣ୍ଡାଖାଇ, ଗେଣ୍ଡାମୁହିଁ, ଲଣ୍ଡାମୁଣ୍ଡୀ, କୁଣ୍ଡାଖାଇ, ଭୁଣ୍ଡାମୁଂହୀ, ପଣ୍ଡାଧରା, ଭେଣ୍ଡାନାକିଆ, ତେଣ୍ଡାଉଠା ବାବୁ, ଦଣ୍ଡାଧରା ମହାରଣା, ହୁଣ୍ଡାପିଟା ସହର, କଣ୍ଡାଗଳା ବଜାର ଓ ମଣ୍ଡାଗଡ଼ା ହାଟଆଦି ନାମ ପଢ଼ିବା ଓ ଶୁଣିଲା ମାତ୍ରକେ ପାଠକ ଠାରେ ସ୍ୱତଃ ହାସ୍ୟରସ ସୃଷ୍ଟି ହୋଇଥାଏ। ପୁଣି ରୂପର ସୁନ୍ଦରତାକୁ ଛାଡ଼ି ଗୁଣର ସୁନ୍ଦରତାକୁ ଗ୍ରହଣ କରିବା ପାଇଁ ଉପଦେଶ ଦେଇଛନ୍ତି ଏହି ଗଳ୍ପରେ। ଗଳ୍ପରେ କିପରି ଅଣ୍ଡାଖାଇ, ଗେଣ୍ଡାମୁହିଁ ଓ ଲଣ୍ଡାମୁଣ୍ଡୀ ନିଜର ଚକଚକିଆ କଣ୍ଢେଇ ପାଇଁ ଗର୍ବ କରନ୍ତି ଓ ତିନିହେଁ ମିଶି ଖେଳନ୍ତି। ହେଲେ ଗରିବ ଘରର ଝିଅ କୁଣ୍ଡାଖାଇର କାଠ କଣ୍ଢେଇ ହୋଇଥିବାରୁ ତାକୁ ସାଥିରେ ଖେଳାନ୍ତି ନାହିଁ। ହେଲେ କଣ୍ଢେଇ ମାନଙ୍କର କବାଡ଼ି ଖେଳରେ କୁଣ୍ଡାଖାଇର କାଠ କଣ୍ଢେଇ ଜିତିଛି। ଗଳ୍ପରେ ଶେଷରେ ମାଷ୍ଟରାଣୀ କହିଛନ୍ତି "ବାହାରର ଚକଚକିଆ ପ୍ରତି ମନଦେବାରୁ ଆଜି ତୁମକୁ ଏ ଦଶା ଭୋଗିବାକୁ ପଡ଼ିଲା। ତେଣୁ କୁଣ୍ଡାଖାଇ ଓ ତା'ର କାଠ କଣ୍ଢେଇ ପରି ଉତ୍ତମ କାମକରି ନିଜର ଗୁଣକୁ ଚକଚକ୍ କରି ପାରିଲେ ଜଗତରେ ସମସ୍ତେ ଆଦର କରିବେ।"(୧) ସେହିପରି ପ୍ରତିକଥାରେ ବ୍ୟସ୍ତ ବିବ୍ରତ ନହୋଇ ଧର୍ଯ୍ୟର ସହ ସମସ୍ୟାର ସମାଧାନ କରିବା ଉଚିତ୍। ନ'ବୁଝି କୌଣସି କାମ କଲେ ତାର ପରିଣାମ ଖରାପ ହୁଏ ବୋଲି ଗାଳ୍ପିକ 'ପାକୁଆ ଅଜାଙ୍କ ମୂଷାମରା' ଗଳ୍ପରେ କହିଛନ୍ତି। ପାକୁଆ ଅଜା ମୂଷାଙ୍କ ଉପରେ ରାଗକରି ଏଣେତେଣେ ଠେଙ୍ଗା ପିଟୁ ପିଟୁ ଆଈର ମୁଣ୍ଡରେ ବାଜି ଆଈର କପାଳ ଫାଟିଛି ଓ ଶେଷରେ ଅଜାଙ୍କ ବୃଥା ପରିଶ୍ରମ ପାଇଁ ଆଈର ଜୀବନ ଯାଇଛି। 'ସତ୍ୟର ଫଳ' ଗଳ୍ପରେ ବୁଲା ଯେତେ ବିପଦ ଆସିଲେ ମଧ ସତ୍ୟର ପଥକୁ ନ'ଓହରି ସତ୍ୟ କହିଛି। ଆଉ ଏହି ସତ୍ୟବାଦୀ ଗୁଣଯୋଗୁଁ ସେ ଖୁବ୍ ସମ୍ମାନ, ଧନରତ୍ନ ଓ ସୁମନ୍ତ ସାମନ୍ତ ରାୟଙ୍କ ସୁନ୍ଦରୀ କନ୍ୟାକୁ ବିବାହ କରି ଖୁସିରେ କାଳାତିବାହିତ କରିଛି। ତେ'ଣୁ ସତ୍ୟର ସବୁବେଳେ ବିଜୟ ଘଟିଥାଏ ଏହି ବାର୍ତ୍ତା ଉକ୍ତ ଗଳ୍ପରେ ସୂଚିତ ଅଛି। 'ବାଉଳି ଆଈର ହାଉଳି ଝିଅ' ଗଳ୍ପରେ ଝିଅ ଦିନରୁ ବୁଢ଼ୀ ହେବା ପର୍ଯ୍ୟନ୍ତ ହାଉଳି ଆଈ କଥାକଥାକେ ହାଉଳି ଖାଇଛି । ଏପରିକି ଚଳଚ୍ଚିତ୍ର ପରଦାରେ ଘୋଡ଼ାଦୌଡ଼ ଦେଖି ଅଥୟ ହୋଇଯାଇଛି । ଆଉ ଘୋଡ଼ାମାନେ ତାକୁ ମାଡ଼ିଦେଲେ ମାଡ଼ିଦେଲେ ବୋଲି ଚିତ୍କାର କରିବାରୁ ଅଜା ଠେଙ୍ଗା ଧରି ଠିଆ ହୋଇଛି । ଘୋଡ଼ାକୁ ପିଟିବା ପାଇଁ ଠେଙ୍ଗା ବାଡ଼େଇବା ବେଳେ ତାହା ଆଈର ମୁଣ୍ଡର ବାଜି ଜୀବନ ଯାଇଛି। ସେଥିପାଇଁ ଛୋଟଛୋଟ କଥାରେ ଘଟଣା କ'ଣ ତାହା ନ'ବୁଝି ଛାନିଆ ନ'ହେବାକୁ ଗାଳ୍ପିକ କହିଛନ୍ତି। ନିଜର ପିଲାମାନେ ପ୍ରତିକଥାରେ ଜିଦି କରିବାକୁ ଇଚ୍ଛା କରନ୍ତି। ମାତ୍ର ନଜାଣି ନଶୁଣି କୌଣସି କଥାରେ ହାତ ଦେଲେ ବା ଅକାରଣରେ ପର ଉପରେ ରାଗ କଲେ ତା'ର ପରିଣାମ ଖରାପ ହୋଇଥାଏ। ଏହି କଥାକୁ ଦେଖାଇବାକୁ ଯାଇ 'ଗୁଡ଼ି ଉଡ଼ାର ମଜା' ଗଳ୍ପରେ କିପରି ଭାଲୁନାନୀ ଗୁଡ଼ିଉଡ଼ା ନ'ଜାଣି ପିଲାଙ୍କ ଦେଖା ଦେଖି ଗୁଡ଼ି ଉଡାଇଛି ଓ ଗୁଡ଼ି ଅଧିକ ଉଚ୍ଚାକୁ ଚାଲିଯିବାରୁ ତା ଉପରେ ବାଦକରି ଗୁଡ଼ିକୁ ତଳକୁ ଟାଣିଛି ଓ ଗୁଡ଼ିସୂତା ଛିଡ଼ିବାରୁ ନଈ ଅତଡ଼ାରୁ ଖସି ଖଣ୍ଡିଆ ଖାବରା ହୋଇଛି ସେହି କଥା କହିଛନ୍ତି। ବିପଦ ସମୟରେ ଧର୍ଯ୍ୟହରା ନ'ହୋଇ ବୁଦ୍ଧିର ସହ କାର୍ଯ୍ୟ କରିବା ଉଚିତ୍। ଯାହା ଘଟିଛି 'ବୁଦ୍ଧିମତି ଶାରୀ' ଗଳ୍ପରେ। ଶାରୀର ଉପସ୍ଥିତ ବୁଦ୍ଧି ଫଳରେ ଉଭୟ ଶୁଆ ଓ ଶାରୀ ଛଞ୍ଚାଣ କବଳରୁ ନିଜକୁ ବଞ୍ଚାଇ ପାରିଲେ। 'ଟିପ୍‌ଟିପ୍‌ର ହାତୀଚଢ଼ା' ଗଳ୍ପରେ ଟିପ୍‌ଟିପ୍ ମାହୁନ୍ତ ତାକୁ ନେଇ ଯାଉଛି ଭାବି ତାକୁ ଠକି ହାତୀ ପିଠିରୁ ଖସି ପଳାଉ ପଳାଉ ନିଜେ ପଡ଼ି ଖଣ୍ଡିଆ ଖାବରା ହେଇଛି ଓ ନିଜେ ଠକିଛି। ତେଣୁ କାହାରିକୁ ଠକିବାକୁ ଚେଷ୍ଟା କରୁଥିବା ବ୍ୟକ୍ତି ନିଜେ ଠକାମିରେ ପଡ଼ିଥାଏ। ଏହି ନୀତିଶିକ୍ଷା ଗାଳ୍ପିକ ଉକ୍ତ ଗଳ୍ପ ମାଧ୍ୟମରେ ପ୍ରେରଣା କରିଛନ୍ତି। ଲୋଭ କରିବା ଏକ ଖରାପଗୁଣ ଅଟେ। ଯେ ଲୋଭ କରେ ସେ ତା'ର ଫଳ ପାଏ। ଯେଉଁ କଥା ଗାଳ୍ପିକ 'ବଳି ଅଜାଙ୍କର ଖଳିଖିଆ' ଗଳ୍ପରେ କହିଛନ୍ତି। ବଳି ଅଜା କିପରି ଡାକ୍ତର ଓ ଆଈଙ୍କର କଥା ନ'ମାନି ଖଳି ଖାଉଛନ୍ତି ଓ ପରିଣାମ ସ୍ୱରୂପ ଶେଷରେ ତାଙ୍କର ଜୀବନ ଗଲା। ତେଣୁ ଲୋଭରେ କୌଣସି କାମ କରିବା ଉଚିତ୍ ନୁହେଁ ଏପରିକି ଲୋଭରେ ବେଶି ଖାଇବା ମଧ ଉଚିତ୍ ନୁହେଁ। 'ବୁଢ଼ୀବର – ଟୋକା ଚଇତା' ଗଳ୍ପଟି ଖୁବ୍ ହାସ୍ୟରସ ଭରା। ସୁକୁମାରୀ ନାମ୍ନୀ ସୁନ୍ଦରୀ ଝିଅକୁ ତା ବାପା-ମା' ଶ୍ରଦ୍ଧାରେ ବୁଢ଼ୀ ବୋଲି ଡାକନ୍ତି । ତେଣୁ ଗାଁ ଲୋକବି ଶ୍ରଦ୍ଧାରେ ସେହି ବୁଢ଼ୀ ବୋଲି ଡାକନ୍ତି । ବିଭାଘର ବେଳେ ସମସ୍ତଙ୍କ ପାଟିରୁ ବାହାରି ଥିଲା ଯେ-ଏ ପିଲା ତେବେ ବୁଢ଼ୀର ବର । ଏହି ବୁଢ଼ୀ ଶବ୍ଦ ଶୁଣିବା ପରେ କନ୍ୟା ପ୍ରକୃତରେ ବୁଢ଼ୀ ଟିଏ ବୋଲି ବର ମୁଣ୍ଡରେ ଭୁଲ୍ ଧାରଣା ସୃଷ୍ଟି ହୋଇଥିଲା । ତେଣୁ ସେ ରାଗରେ ତମ୍ ତମ୍ ହୋଇଥିଲା । ତେଣୁ କନ୍ୟାକୁ ସର୍ବ ସମକ୍ଷରେ ଦେଖା ଯିବା ପରେ ଯାଇ ସେ ନିଜ ଭୁଲ୍ ବୁଝିପାରିଥିଲା । ନ'ବୁଝି ନ'ଶୁଝି ଅବୁଝା ହେଲେ ସମ୍ମାନ ହାନି ହୁଏ। ଏହି କଥା ଉକ୍ତ ଗଳ୍ପରେ କୁହାଯାଇଛି। 'କଠିନ ପରୀକ୍ଷା' ଗଳ୍ପରେ ଗଳ୍ପିକ ପୁରାଣର କଥାବସ୍ତୁକୁ ଗ୍ରହଣ କରିଛନ୍ତି। ଭଗବାନ ଶିବ ମାତା ପାର୍ବତୀଙ୍କୁ ବିବାହ କରିବା ପୂର୍ବରୁ କିପରି କଠିନ ପରୀକ୍ଷା କରିଛନ୍ତି। ମାତା ପାର୍ବତୀ ପରୀକ୍ଷାରେ ସଫଳ ହୋଇଛନ୍ତି ତାହା


© 2026 ନିଶିକାନ୍ତ ବଳ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ଉକ୍ତ ଗଳ୍ପରେ ବର୍ଣ୍ଣିତ। ଠିକ୍ ସେହିପରି ପୁରାଣର କଥାବସ୍ତୁ ଆଧାରିତ 'ମହାବଳୀ ଭୀମ' ଗଳ୍ପରେ ଭୀମଙ୍କର ଅପାର ଶକ୍ତିର ବର୍ଣ୍ଣନା କରାଯାଇଛି। 'ଫୁଲ କାହିଁକି ଶୀଘ୍ର ଝଡ଼ି ପଡ଼େ' ରେ କିପରି ସ୍ୱର୍ଗରେ ଇନ୍ଦ୍ର ଓ ଅପ୍ସରା ମାନଙ୍କର ଅତ୍ୟାଚାର ଏବଂ ମର୍ତ୍ତ୍ୟରେ ମନୁଷ୍ୟ ଓ କୀଟ ପତଙ୍ଗ ମାନଙ୍କର ଅତ୍ୟାଚାର ସହି ନପାରି ଫୁଲ ବ୍ରହ୍ମାଙ୍କୁ ମିନତୀ କରିବାରୁ ବ୍ରହ୍ମା ତାର ବୟସ କମାଇ ଦେଇଛନ୍ତି। କାହିଁକି ଭ୍ରମରର ରଙ୍ଗ କଳା ହେଲା ଅପ୍ସରା ମାନେ କାହିଁକି ଅଭିଶାପ ଗ୍ରସ୍ତ ହେଲେ ଏହି ସବୁ କଥା ଉକ୍ତ ଗଳ୍ପରେ ସ୍ଥାନିତ ହୋଇଛି। ସଙ୍କଳନ ଶେଷ ଗଳ୍ପ 'ଗୋନାସିକାର ସଅଁବାରୀ' ରେ ଗାଳ୍ପିକ ବୈତରଣୀର ଉତ୍ପତ୍ତି ସ୍ଥଳ ବର୍ଣ୍ଣନା କରିବା ସହ ସରଳ ନିରୀହ ଆଦିବାସୀ ମହିଳାର ଆତିଥ୍ୟ ଓ ମାନବିକତା ସତେ ଯେପରି ଜନଗତ ପାଇଁ ଏକ ମାଇଲ ଖୁଣ୍ଟ ହୋଇଯାଇଛି ତାହା ବର୍ଣ୍ଣିତ। ଗଳ୍ପ ସଙ୍କଳନଟି ସମ୍ପୂର୍ଣ୍ଣ ପାଠ କଲେ ଜଣା ଯେ ଏହା ସବୁ ଶ୍ରେଣୀୟ ପାଠକଙ୍କ ପାଇଁ ଉପଯୋଗୀ

'କଣ୍ଢେଇ ଖେଳ' ଗଳ୍ପ ସଂକଳନର ଦିର୍ଘ ନ'ଅବର୍ଷ ପରେ ଅର୍ଥାତ୍ ୨୦୦୦ ମସିହାରେ 'ସୋଲାବାଲା' ପ୍ରକାଶ ପାଏ । ସମୁଦାୟ ବାରଗୋଟି ଗଳ୍ପର ସମାରୋହରରେ ଏହା ସୃଷ୍ଟି। ଉକ୍ତ ସଂକଳନଟି ଗାଳ୍ପିକଙ୍କ ଅନ୍ୟ ଗଳ୍ପ ସଂକଳନ ମାନଙ୍କ ଠାରୁ ସ୍ୱତନ୍ତ୍ର ଅଟେ। ଶିଶୁର ଜ୍ଞାନର ବିକାଶ ପାଇଁ ବହୁ ଇତିହାସ, କିମ୍ବଦନ୍ତୀ ପୁରାଣ ଓ ଲୋକ କାହାଣୀକୁ ଆଧାର କରି ନିଜର ସ୍ୱକୀୟ ସ୍ୱତନ୍ତ୍ରତାର ପୁଟଦେଇ ଏପରି ସରଳ ଭାବେ ପରିବେଷଣ କରିଛନ୍ତି। ସଂକଳନର ପ୍ରଥମ ଗଳ୍ପ 'ସୋଲାବାଲା'ରେ ସରଳିଆ ମଣିଷ ସୋଲାବାଲା ମୁନିଭାଇ କିପରି ସରଳ ପଣିଆ ପାଇଁ ସଭିଙ୍କର ପ୍ରିୟ ହୋଇପାରିଛି ନିଜର ସ୍ୱଳ୍ପ ଆୟରେ ପିଲାମାନଙ୍କୁ ମଣିଷ କରିପାରିଛି ହେଲେ ନିଜ ବ୍ୟବସାୟକୁ ନିନ୍ଦା ନକରି ଶେଷ ଯାଏଁ ସୋଲା ବିକୁଛି ତାହା ବର୍ଣ୍ଣନା କରାଯାଇଅଛି। ଗାଳ୍ପିକ ଗଳ୍ପ ମାଧ୍ୟମରେ ସୋଲାବାଲା ଚରିତ୍ରଟି ପାଇଁ ସୁନ୍ଦର ପଦ୍ୟ ଧାଡ଼ି ଲେଖିଛନ୍ତି। ଗଳ୍ପର ଶେଷ ଭାଗରେ ନିଜର ବୃତ୍ତିକୁ ଭଲପାଇବା ସ୍ୱରୂପ ଶେଷରେ କହିଛି "ମୋତେ କିଆଁ ତୁମେ କରୁଛ ମନା / ସୋଲାଡାଲା ପରା ମୋ ଦାନାକନା /ପାରିବିନି ତାକୁ ଛାଡ଼ି/ ତାକୁ ମୁଣ୍ଡେଇକି ସରଗ ଯିବିମୁଁ / ବିକିବାକୁ ଦୁଇଘଡ଼ି।"(୨) ପରର ମଙ୍ଗଳ କାମନା କଲେ ନିଜର ମଧ୍ୟ ମଙ୍ଗଳ ସାଧିତ ହୋଇଥାଏ। ପର ଉପକାର କଲେ ବିପଦ ସମୟରେ ଭଗବାନ ଆସି ସାହାଯ୍ୟ କରନ୍ତି। ଯାହା ଗାଳ୍ପିକ 'କୁନିରେ ତୋ ମୁହଁ କେଡ଼େ ସୁନ୍ଦର' ଗଳ୍ପରେ ବର୍ଣ୍ଣନା କରିଛନ୍ତି। ଗଳ୍ପରେ କୃପଣବୁଢ଼ା ଅଦିଆ ସାହୁ ଓ ଅଖାଇ ବୁଢ଼ୀ କୃପଣ ଭାବ ଛାଡ଼ି ଦାନ ଧର୍ମ କରିବାରୁ ସ୍ୱୟଂ ଭଗବାନ ତାଙ୍କ ପୁତ୍ର ଭାବରେ ତାଙ୍କ ଘରକୁ ଆସିଛନ୍ତି ସେହି କଥା ବର୍ଣ୍ଣନା କରାଯାଇଛି ଏହି ଗଳ୍ପରେ । ଭଲ କାମ କଲେ ସଭିଙ୍କୁ ଆଦର କରିପାରିଲେ କିପରି ସଭିଙ୍କର ପ୍ରିୟ ପାଲଟିଯାଏ ଓ ମଲାପରେବି ଲୋକଙ୍କ ସ୍ମୃତିରେ ଅମର ହୋଇ ରହେ ସେହିକଥା 'ଅଜାଙ୍କ କଥା' ଗଳ୍ପରେ କୁହାଯାଇଛି। ଜୀବନରେ ଯେତେବଡ ଦୁଃଖ କିମ୍ବା ବିପଦ ପଡ଼ିଲେ ମଧ୍ୟ ଅଧୋର୍ଯ୍ୟ ନ'ହୋଇ ପରିସ୍ଥିତିର ମୁକାବିଲା କରିବା ଉଚିତ୍ ଯାହା ଦେଖିବାକୁ ମିଳେ ଗାଳ୍ପିକଙ୍କ 'ଅନ୍ଧ ମୁହଁରେ ହସ' ଗଳ୍ପରେ। ବାପା ମା ଛେଉଣ୍ଡ ମଲ୍ଲୀ ଅନ୍ଧ ବରଟିଏ ପାଇଲେବି ପରିସ୍ଥିତି ସହିତ ସଂଘର୍ଷ କରିଛି। ସକାଳ ପ୍ରତିବନ୍ଧକ ସତ୍ତ୍ୱେ ବଞ୍ଚିବାର ଅଭିଳାଷା ହିଁ ଜୀବନ ଏହା ଉକ୍ତ ଗଳ୍ପରେ କେନ୍ଦ୍ରୀୟ ଭାବଧାରା ଅଟେ। ବୁଦ୍ଧି ଥିଲେ ଉପାୟ ଆପେ ଆପେ ମିଳେ ଓ ଯେଉଁଠି ସାହସ ଅଛି ସେଠାରେ ବିଜୟ ଅଛି। ଏହି କଥା ଗାଳ୍ପିକଙ୍କର 'ହାତୀ ତଡ଼ିଦେଲା ମାରୁଆ ନାନୀ' ଗଳ୍ପରେ କୁହାଯାଇଛି। କିପରି ନିଜର ବୁଦ୍ଧିମତା ଯୋଗୁଁ ମରୁଆନାନୀ ନିଜ ଗାଁ ଫସଲକୁ ହାତୀ କବଳରୁ ରକ୍ଷା କରିପାରିଛି ତାହା ଏଠାରେ ବର୍ଣ୍ଣିତ। ଭଗବାନଙ୍କ ସୃଷ୍ଟିରେ ସମସ୍ତ ଜୀବ ସ୍ନେହ ପ୍ରେମ ଓ ମମତାର ଡୋରରେ ବନ୍ଧା ସେ ମଣିଷ ହେଉ ବା ପଶୁ ସ୍ନେହ ଟିକେ ମିଳିଲେ ସେ ନିଜର ହୋଇ ଯାଆନ୍ତି। ସ୍ନେହଟିକେ ପାଇଲେ ହାତୀ ପରି ବଳୁଆ ପ୍ରାଣୀ ବି ପୋଷାସାଜେ। ହେଲେ ଭଲପାଇବା ନ'ପାଇଲେ ସେ ଅବୋଲକରା ପାଲଟି ଯାଏ ଓ ସବୁକିଛି ନଷ୍ଟ କରିଦିଏ ଯାହା ଗାଳ୍ପିକ 'ଭୁଲ୍ କାହାର କହିବ କିଏ' ଗଳ୍ପରେ କହିଛନ୍ତି। ହାତୀପରି ବୃହତ୍ ବଡ଼ ପ୍ରାଣୀଟିଏ ସ୍ନେହ ପାଇଁ ସବୁକଥା ମାନୁଚି ଓ ତା'ଉପରେ କ୍ରୋଧ କରି ତା'ର ଅନିଚ୍ଛା ସତ୍ତ୍ୱେ କାର୍ଯ୍ୟ କରାଇବାରୁ ସେ ନିଜର ମାହୁନ୍ତକୁ ମାରିବାସହିତ ନିଜେ ମଧ୍ୟ ମରୁଛି। ସ୍ନେହରେ ବନ୍ଧା ଏ ଜଗତ। ସ୍ନେହରେ ହିଁ ଜଗତକୁ ଜୟ କରିହୁଏ। ଏହାହିଁ ଏହି ଗଳ୍ପର ସାରମର୍ମ। ଠିକ୍ ସେହିପରି ଅନ୍ୟ ମୁହଁରେ ହସ ଖେଳାଇ ପାରୁଥିବା ଓ ପରକୁ ଆପଣାର କରି ପାରିଥିବା ଲୋକ କିପରି ମୃତ୍ୟୁପରେବି ବାହ୍ୟ ଜଗତରୁ ବିଦାୟ ନେଲେବି ମନ ଜଗତରେ ଚିର ଜୀବନ୍ତ ହୋଇ ରହନ୍ତି ସେହିକଥା 'ପଞ୍ଝୁଆ କେବିନ୍' ଗଳ୍ପରେ ଦେଖିବାକୁ ମିଳେ। 'ବାଙ୍କିହୀରା' ଗଳ୍ପରେ କେନ୍ଦୁଝର ରାଜ୍ୟର ରାଜକୁମାର କିପରି ନିଜର ଉକ୍ତି ଓ ନମ୍ର ସ୍ୱଭାବ ବଳରେ ଦେବୀଗଡ଼ ରାଜ୍ୟର ସର୍ତ୍ତ ପୂରଣ କରି ଦେବୀଗଡ଼ର ରାଜକୁମାରୀଙ୍କୁ ବିବାହ କରିଛନ୍ତି ତାହା ଉକ୍ତ ଗଳ୍ପରେ ବର୍ଣ୍ଣନା କରାଯାଇଛି। ଗାଳ୍ପିକଙ୍କ ଉକ୍ତ ସଂକଳନରେ ସ୍ଥାନିତ 'ଜାଗର ଜାଳେ ମୁଁ ସମୁଦ୍ର କୂଳେ' ଗଳ୍ପଟି ଅତ୍ୟନ୍ତ ହୃଦୟସ୍ପର୍ଶୀ ହେବା ସଙ୍ଗେ ସଙ୍ଗେ ହୃଦୟ ବିଦାରକ ମଧ୍ୟ। ଉତ୍କଳର ଗର୍ବଗାଥା ଓ ଉତ୍କଳର ସୁବର୍ଣ୍ଣ ଇତିହାସକୁ ସ୍ମରଣ କରି ଉତ୍କଳର ଯୋଗ୍ୟ ସନ୍ତାନ ବଢ଼େଇ କୂଳର ମଉଡ଼ ମଣି ଧର୍ମପଦ କିପରି ଜାତି ପାଇଁ ବାରଶହ ବଢ଼େଇଙ୍କ ସମ୍ମାନ ରକ୍ଷାକରି କୋଣାର୍କ ମନ୍ଦିର ମୁଣ୍ଡିମାରି ଇତିହାସରେ ଅଲିଭା କୀର୍ତ୍ତି ରଚନା କରିଛି ଓ 'ଶେଷରେ ବାରଶହ ବଢ଼େଇର ଦାୟ ନା ପୁଅର ଦାୟ' ନ୍ୟାୟରେ ପିତା ବିଶୁ ମହାରଣାଙ୍କୁ ଧର୍ମ ସଙ୍କଟରୁ ରକ୍ଷାକରି ବଢ଼େଇ କୂଳକୁ ବଞ୍ଚାଇବାକୁ ଯାଇ ନିଜ ଜୀବନକୁ ଉତ୍ସର୍ଗ କରିଦେଇଛି । ପୁତ୍ର ବିୟୋଗର ଦୁଃଖରେ ମ୍ରୀୟମାଣ ପାଗଳୀ ମା ଯେତେବେଳେ ବାରଶହ ବଢ଼େଇ,ରାଜା ଓ କୋଣାର୍କ ମନ୍ଦିରକୁ ନିଜର ପୁଅକୁ ମାଗିଛି ସେତେବେଳେ ଚନ୍ଦ୍ରଭାଗା କୂଳେ ଜାଗର ଜାଳି ପୁଅକୁ ପାଇବା ପାଇଁ ଚାହିଁ ରହିଥିବା ମା'କୁ ସାନ୍ତ୍ୱନା ଦେଇ ଧର୍ମପଦର ଆତ୍ମା ବିଦାୟ ନେଇଛି। ଏହି ସବୁ ଘଟଣାକୁ ଅତି ସୁନ୍ଦର ଭାବେ ଗାଳ୍ପିକ ବର୍ଣ୍ଣନା କରିଛନ୍ତି। ଜାତି ପାଇଁ ଯେ ଜୀବନ ଦିଏ,ସେ ଜାତି ପାଇଁ ଚିର ସ୍ମରଣୀୟ ହୋଇ ରହେ ତାହା ଉକ୍ତ ଗଳ୍ପରେ ବର୍ଣ୍ଣିତ। 'ନୀଳଗିରିର ଉଚ୍ଚି' ଗଳ୍ପରେ ନୀଳଗିରିର ପ୍ରାକୃତିକ ଦୃଶ୍ୟ ତଥା ଦର୍ଶନୀୟ ସ୍ଥାନ ଗୁଡ଼ିକର ସୁନ୍ଦର ଭାବରେ ତଥ୍ୟ ଭିତ୍ତିକ ବିବରଣୀ ପ୍ରଦାନ କରାଯାଇଛି । ବର୍ଣ୍ଣନା ଏତେ ଜୀବନ୍ତ ପାଠକଟିଏ ପଠନ ସମୟରେ ସେହି ସବୁ ଦୃଶ୍ୟକୁ ଦେଖିବା ପରି ଲାଗେ ଓ ଭ୍ରମଣ ପାଇଁ ଉତ୍ସାହ ସୃଷ୍ଟି କରେ। ଭକ୍ତିରେ ଭଗବାନ ମଧ୍ୟ ବନ୍ଧା, ମନରେ ଭକ୍ତି ଥିଲେ ଭଗବାନ ମଧ୍ୟ ଦେଖାଦିଅନ୍ତି। ଏହା ଦେଖିବାକୁ ମିଳେ ଗାଳ୍ପିକଙ୍କ 'କୋଳିରୁ କଳା ଠାକୁର' ଗଳ୍ପରେ। ଯେଉଁ ଭଗବାନଙ୍କର ଦର୍ଶନ ଗୁରୁ ଠୁଳୀବାବା ପାଇନାହାନ୍ତି ସେହି ଭଗବାନଙ୍କୁ ଚେଲା ଭଳି ନିଜର ସରଳ ଭକ୍ତିଭାବ ଦ୍ୱାରା ଦର୍ଶନ ପାଇପାରିଛି। ଏହି କଥାହିଁ ଉକ୍ତ ଗଳ୍ପର ସାରମର୍ମ। ଠିକ୍ ସେହିପରି ସଂକଳନର ଶେଷଗଳ୍ପ 'ଆସ ଦେଖିଯିବା କିଚକେଶ୍ୱରୀ' ଗଳ୍ପରେ ଖିଚିଙ୍ଗର ମା'କୀଚକେଶ୍ୱରୀଙ୍କର ମହିମା ଗାନ ସଙ୍ଗେସଙ୍ଗେ ଉକ୍ତ ପୀଠସ୍ଥଳୀକୁ ଆଧାର କରି ରହିଥିବା ପୌରାଣିକ ଓ ଐତିହାସିକ କିମ୍ବଦନ୍ତୀର ଅବତାରଣା ସଙ୍ଗେସଙ୍ଗେ ପ୍ରଚଳିତ ଲୋକ କାହାଣୀକୁ ମଧ୍ୟ ସ୍ଥାନିତ କରିଛନ୍ତି। ସ୍ଥାନର ସୌନ୍ଦର୍ଯ୍ୟ ବର୍ଣ୍ଣନାରେ ଗଳ୍ପଟି ଯେପରି ମଧୁରମୟ ଠିକ୍ ସେହିପରି ଇତିହାସ ଓ ପୁରାଣର ମିଳିତ ସ୍ପର୍ଶ ଯୋଗୁଁ ସେତିକି ରହସ୍ୟମୟ ବାସ୍ତବିକ୍ ହୋଇପାରିଛି।

୨୦୦୫ ମସିହାରେ ଗ୍ରନ୍ଥ ମନ୍ଦିର ଦ୍ୱାରା ପ୍ରଥମେ ପ୍ରକାଶିତ 'ଆମ ଦେଶର ଜାତୀୟ ପ୍ରତୀକ' ଗଳ୍ପ ସଙ୍କଳନଟି ଏକ ଉଚ୍ଚକୋଟିର ସୃଷ୍ଟି। ସମୁଦାୟ ସାତଟି ସୂଚନାଧର୍ମୀ ଗଳ୍ପକୁ ନେଇ ସମୃଦ୍ଧ। ଏହି ସଙ୍କଳନର ନାମକରଣ ସଂପୂର୍ଣ୍ଣ ସାର୍ଥକ ମନେ ହୁଏ। ଲେଖକ ପ୍ରତିଟି ଗଳ୍ପ ମଧ୍ୟମରେ ଅତି ଚମତ୍କାର ଭାବେ ବହୁ ଶିକ୍ଷଣୀୟ ବିଷୟବସ୍ତୁ ଉପସ୍ଥାପନ କରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହି ସଙ୍କଳନର ପ୍ରତ୍ୟେକଟି କାହଣୀ ପାଠକ ମନରେ ଗଭୀର ଜାତୀୟତାବୋଧ ଜାଗ୍ରତ କରେ। 'ଜାତୀୟ ପତାକା' ଗଳ୍ପରେ ଏକ "ଦେଶର ଆଦର୍ଶ , ବିଚାର, ସଂସ୍କୃତି ତଥା ଏକତାର ପରିଚୟ ଦିଏ। ଏହା ଦେଶର ନାନାଧର୍ମ, ଭାଷା ଓ ଚଳଣି ଥାଇବି ଦେଶବାସୀଙ୍କ ଭିତରେ ମମତାର ଡୋରି ଭଳି ଜାତୀୟ ପତାକା ଉଡୁଥିବା ଦେଖିଲେ ନାଗରିକ ମନରେ ନିଜ ଦେଶ ପ୍ରତି ଆପେଆପେ ଭକ୍ତି ଓ ମମତା ଭାବ ଜାଗିଉଠିଥାଏ।"(୩) ଆମ


© 2026 ନିଶିକାନ୍ତ ବଳ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ଦେଶରେ ସ୍ୱାଧୀନତା ଆଣିବାପାଇଁ ରଚିତ ଜାତୀୟ ସଂଗୀତ ଓ ଜାତୀୟ ଗୀତକୁ ଆଧାର କରି ଗାଳ୍ପିକଙ୍କ ଗଳ୍ପ 'ଜାତୀୟ ସଂଗୀତ'ରେ ବଙ୍କିମଚନ୍ଦ୍ରଙ୍କ ବନ୍ଦେ ମାତାରମ୍ ସଂଗୀତକୁ ଓଡ଼ିଆ ଭାଷାରେ ସରଳ ଭାବେ ଲେଖିଛନ୍ତି। ଏହି ସଂଗୀତଟିର ଅର୍ଥ ଶିଶୁ ମାନଙ୍କୁ ବୁଝାଇବାକୁ ଯାଇ ସେ ଏହାର ଅର୍ଥ ପ୍ରଦାନ କରିଛନ୍ତି। "ହେ ମା (ମାତୃଭୂମି), ତୁମକୁ ଆମର ପ୍ରଣାମ। ତୁମେ ଆମକୁ ନିର୍ମଳ ଶୀତଳ ପାଣି ଦେଇଛ। ଗଛରେ ଫଳ ଭରି ଦେଇଛ। ଶୀତଳ ମଳୟ ପବନ ଦେଇଛ। ଶସ୍ୟ କ୍ଷେତ୍ରରେ ଶସ୍ୟ ଭରି ଦେଇଛ ଚନ୍ଦ୍ର କିରଣରେ ରାତିକୁ ସୁନ୍ଦର ଦେଖାଯାଏ। ବୃକ୍ଷମାନେ ନାନା ଜାତିର ଫୁଲରେ କି ସୁନ୍ଦର ଦେଖାଯାନ୍ତି। ହେ ମା, ଏ ସବୁରେ ଆମେ ତୁମର ସୁନ୍ଦର ହସ ଦେଖୁ ଓ ମଧୁର ସ୍ୱର ଶୁଣିପାରୁ। ତୁମର ଏ ସମସ୍ତ ବରଦାନ ପାଇଁ ଆମେ ସୁଖରେ ଅଛୁ। ହେ ମା ଆମେ ତୁମର ବନ୍ଦନା ଗାନ କରୁଛୁ "।(୪) 'ଜାତୀୟ ଚିହ୍ନ' ଗଳ୍ପରେ ଆମ ଦେଶର ଜାତୀୟ ଚିହ୍ନ କଣ ଏହାକୁ କିପରୀ ଗ୍ରହଣ କରାଗଲା ଆଦି ବିଷୟବସ୍ତୁକୁ ସାଧାରଣ ଶୈଳୀରେ ପ୍ରକାଶ କରିଛନ୍ତି। ସେହିପରି 'ଜାତୀୟ ପଶୁ' ଓ 'ଜାତୀୟ ପକ୍ଷୀ' ଗଳ୍ପରେ ଦେଶର ଜାତୀୟ ପଶୁ ଓ ପକ୍ଷୀ ବିଷୟରେ ବର୍ଣ୍ଣନା କରାଯାଇଛି। ସଂକଳନର ଜାତୀୟ ପୁଷ୍ପ ଗଳ୍ପରେ ପଦ୍ମଫୁଲ ବିଷୟରେ କହିଛନ୍ତି "ଭାରତ ବର୍ଷର ଅନ୍ୟ ଫୁଲମାନଙ୍କ ତୁଳନାରେ ଏହି ଫୁଲଟି ଆମ ଜୀବନ ସହିତ ଅଧିକ ପରିମାଣରେ ମିଶିକରି ରହିଛି। ଏହା ଦେଖିବାକୁ ଅତି ସୁନ୍ଦର ଓ ଏହାର ନିଜର ଏକ ଭିନ୍ନ ବାସନା ଥାଏ। ତେଣୁ ଆମ ଦେଶରେ ଏହାକୁ ଜାତୀୟ ପୁଷ୍ପ ଭାବରେ ଗ୍ରହଣ କରାଯାଇଛି।"(୫) ସଂକଳନର ଶେଷ ଗଳ୍ପ 'ଆମର ଜାତୀୟ ପର୍ବ'ରେ ଜାତୀୟ ଦିବସ ଭାବେ ସାଧାରଣତନ୍ତ୍ର ଦିବସ, ସ୍ୱାଧୀନତା ଦିବସ, ଗାନ୍ଧୀ ଜୟନ୍ତୀ, ଗୁରୁ ଦିବସ, ଶିଶୁ ଦିବସ ବିଷୟରେ ବର୍ଣ୍ଣନା କରିଛନ୍ତି। ମୋଟ୍ ଉପରେ ସଂକଳନର ସମସ୍ତ ଗଳ୍ପ ଗୁଡ଼ିକ ଶିଶୁ ମନରେ ଜାତୀୟତା ଭାବ ଭରିବା ସହିତ ବହୁ ଶିକ୍ଷଣୀୟ ଓ ପାଠ୍ୟ ଉପଯୋଗୀ।

ଡକ୍ଟର ନାୟକଙ୍କର ଅନ୍ୟତମ ଗଳ୍ପଗ୍ରନ୍ଥ ହେଉଛି **'ଆସ ଖୋଲିଦେବା ଗପର ପେଡ଼ି'** ଓଡ଼ିଆ କିଶୋର ସାହିତ୍ୟ ଜଗତରେ ଏକ ଅନନ୍ୟ ସ୍ୱାକ୍ଷର। ଯାହା ୨୦୧୫ ମସିହାରେ ଶକ୍ତି ପବ୍ଲିଶର୍ସ ଦ୍ୱାରା ପ୍ରକାଶିତ । ଏହି ଗ୍ରନ୍ଥଟି ବାରଗୋଟି ଗଳ୍ପର ଏକ ଶିଳ୍ପସୁଷମା ମଣ୍ଡିତ ପେଡ଼ି, ଯାହାକୁ ଖୋଲିଲେ ମାନବୀୟ ସମ୍ବେଦନା, ନୈତିକ ଆଦର୍ଶ ଏବଂ ପ୍ରକୃତି ପ୍ରୀତିର ମହମହ ବାସନା ପାଠକକୁ ବିମୋହିତ କରେ। ଏହି ସଙ୍କଳନର ଅଧିକାଂଶ ଗଳ୍ପ ପରିବେଶକୁ କେନ୍ଦ୍ର କରି ରଚିତ। 'ବଣ ରାଇଜର ମାଆ' ଗଳ୍ପଟି ଏହାର ଏକ ଶ୍ରେଷ୍ଠ ଉଦାହରଣ। ଦାନ୍ତୁଆଣୀ ଜଙ୍ଗଲର ଆଶ୍ରମବାସିନୀ ଗୌରୀମାତା କେବଳ ଏକ ଚରିତ୍ର ନୁହଁନ୍ତି, ସେ ହେଉଛନ୍ତି ପ୍ରକୃତି ଓ ମଣିଷ ମଧ୍ୟରେ ଥିବା ସେତୁ। ତାଙ୍କର ସ୍ନେହରେ ହିଂସ୍ର ଜନ୍ତୁମାନେବି ଶାନ୍ତ ଓ ଅହିଂସ୍ର ହୋଇଯିବା, ମଣିଷ ଓ ପଶୁ ମଧ୍ୟରେ ଥିବା ଆତ୍ମିକ ସମ୍ପର୍କକୁ ଦର୍ଶାଏ। ସେହିପରି 'ରାକାମ୍ ସିଂ'ର କାହାଣୀ ଜରିଆରେ ଲେଖକ ବଣଜଙ୍ଗଲର ସୁରକ୍ଷା ପାଇଁ ଏକ ନିରବ ବିପ୍ଳବର ବାର୍ତ୍ତା ଦେଇଛନ୍ତି। 'ଅସରନ୍ତି ଉପବନ' ଗଳ୍ପଟି ବୃକ୍ଷରୋପଣର ମହତ୍ତ୍ୱ ପ୍ରତିପାଦନ କରି ଆଗାମୀ ପିଢ଼ିକୁ ଏକ ସବୁଜ ପୃଥିବୀ ଗଠନ ପାଇଁ ଉତ୍ସାହିତ କରେ। ଲେଖକଙ୍କ ଦୃଷ୍ଟିଭଙ୍ଗୀରେ ପ୍ରକୃତି କେବଳ ଏକ ଜଡ଼ ବସ୍ତୁ ନୁହେଁ, ବରଂ ଏକ ଜୀବନ୍ତ ସତ୍ତା। ଏହି ଗଳ୍ପ ସଂକଳନରେ କେବଳ ଉପଦେଶ ନାହିଁ, ବରଂ ଜୀବନର ସଂଗ୍ରାମ ପାଇଁ ପ୍ରେରଣା ଅଛି। 'ବୁଦ୍ଧିମତୀ ସିନୁ' ଏବଂ 'ଭୋଳି ଭାଇ ଗୁଳି ଟାଣେ ଭାରି' ପରି ଗଳ୍ପଗୁଡ଼ିକରେ ବ୍ୟକ୍ତିର ସାହସିକତାକୁ ଗୁରୁତ୍ୱ ଦିଆଯାଇଛି। ସିନୁର ଚରିତ୍ର ମାଧ୍ୟମରେ ଲେଖକ ଦର୍ଶାଇଛନ୍ତି ଯେ, ସାହସ ଓ ଉପସ୍ଥିତ ବୁଦ୍ଧି ଥିଲେ ଜଣେ ସାଧାରଣ ବାଳିକା ମଧ୍ୟ ଅସାଧାରଣ କାର୍ଯ୍ୟ କରିପାରେ। ଏହା କୋମଳମତି ଶିଶୁଙ୍କ ମନରେ ଆତ୍ମବିଶ୍ୱାସ ଭରିବାରେ ସହାୟକ ହୋଇଥାଏ। ଲେଖକ ଜୀବଜନ୍ତୁମାନଙ୍କୁ କେବଳ ପଶୁ ଭାବେ ନୁହେଁ, ବରଂ ସମ୍ବେଦନଶୀଳ ଚରିତ୍ର ଭାବେ ଚିତ୍ରଣ କରିଛନ୍ତି। 'ରାକାମ୍ ସିଂ' ର ପଶୁପ୍ରୀତି ହେଉ କିମ୍ବା 'ବନାଭାଇ ଘର ଟିପୁ' ର ସ୍ୱାମୀଭକ୍ତି, ପ୍ରତିଟି ଗଳ୍ପରେ ଜୀବଜଗତ ପ୍ରତି କରୁଣା ଓ ସହଧର୍ମିତାର ନିଛକ ଚିତ୍ର ପରିଲକ୍ଷିତ ହୁଏ। 'କଙ୍କଡ଼ାର ବୁଦ୍ଧି' ଓ 'ଗାଁ ଗୋହିରିର ଗୋଧି' ଗଳ୍ପ ମାଧ୍ୟମରେ ଲେଖକ ଏକ ସୂକ୍ଷ୍ମ ବାର୍ତ୍ତା ଦେଇଛନ୍ତି। ଶଠତା ଓ ଅନ୍ୟାୟୀ ବିରୁଦ୍ଧରେ ମିଳିତ ପ୍ରତିରୋଧ ଯେ ନ୍ୟାୟସଙ୍ଗତ, ତାହା ଶିଆଳର ଲାଞ୍ଜ କଟିବା ଘଟଣାରୁ ଶିକ୍ଷା ମିଳେ। 'ଠାକୁର ରଖନ୍ତି ଠିକଣା ବେଳେ' ଗଳ୍ପଟି "ସେବା ହିଁ ପରମ ଧର୍ମ" ଉକ୍ତିକୁ ପ୍ରମାଣିତ କରେ। ଅନ୍ୟକୁ ରୋଗମୁକ୍ତ କରିବାକୁ ଯାଇ ଜଣେ ତରୁଣ ଅଜ୍ଞାତରେ ମଟର ସାଇକେଲ୍ ସହ ଭଙ୍ଗା ପୋଲର ବିଶାଳ ଖାଲ ମଧ୍ୟରେ ପଡିଯାଇଥିଲେ ମଧ୍ୟ ଠାକୁରଙ୍କ ଦୟାରୁ ଅକ୍ଷତ ଅବସ୍ଥାରେ ଉଦ୍ଧାର ପାଇଛି । ପରୋପକାରୀ ବ୍ୟକ୍ତି ସର୍ବଦା ଦୈବୀ ଆଶୀର୍ବାଦର ଅଧିକାରୀ ହୁଏ, ଏହା ପାଠକ ମନରେ ଆଧ୍ୟାତ୍ମିକ ବିଶ୍ୱାସ ଜନ୍ମାଉଥିବା ବେଳେ ସୁନାହାଟ ଗଳ୍ପରେ ବ୍ୟବସାୟରେ ସଚୋଟ୍ ପଣିଆର ଏକ ନିଚ୍ଛକ ଚିତ୍ର ଉକୁଟି ଉଠିଛି । ସଚୋଟ୍ ପଣର ପ୍ରଶଂସା ଓ ସୁଫଳ ଯେ ଯୁଗଯୁଗ ପାଇଁ ଅକ୍ଷୁଣ୍ଣ ହୋଇ ରହିଛି ଏ ଉକ୍ତିଟିକୁ କେବେହେଲେ ଖଣ୍ଡନ କରିହେବ ନାହିଁ। ସଙ୍କଳନର ଏକ ଅଭିନବ ଗଳ୍ପ ହେଉଛି 'ସ-ମନ୍ତ୍ରର କରାମତି'। ଏଠାରେ ଲେଖକ 'ସ' ବର୍ଣ୍ଣ ଆଧାରିତ ଶବ୍ଦାବଳୀର ପ୍ରୟୋଗ କରି ଉତ୍ତମ ମଣିଷ ଓ ଅଧମ ମଣିଷର ଲକ୍ଷଣ ମାନ ସୂଚିତ। ଏହି ଗଳ୍ପଟି ଉଭୟ ଶୈକ୍ଷିକ ଓ ସାରସ୍ୱତ ଦୃଷ୍ଟିକୋଣରୁ ଅତ୍ୟନ୍ତ ଉଚ୍ଚକୋଟୀର। ସାମଗ୍ରିକ ଭାବେ କହିବାକୁ ଗଲେ , ଡକ୍ଟର ନାୟକଙ୍କ ଏହି କୃତି ଓଡ଼ିଆ ଶିଶୁ ସାହିତ୍ୟ ତଥା କିଶୋର ଗଳ୍ପ ଜଗତରେ ଏକ ମାଇଲଖୁଣ୍ଟ। ଏହା କେବଳ ମନୋରଞ୍ଜନ କରେନାହିଁ, ବରଂ ଏକ ସୁସ୍ଥ, ସୁନ୍ଦର ଓ ପ୍ରଦୂଷଣମୁକ୍ତ ସମାଜ ଗଠନ ପାଇଁ ଆହ୍ୱାନ ଦିଏ।

ଗାଳ୍ପିକଙ୍କ ଶ୍ରେଷ୍ଠ ସାରସ୍ୱତ କୃତି 'ବଣ ଦେଉଳର ସୁନା ନେଉଳ' କେବଳ ଏକ ଗଳ୍ପ ସଙ୍କଳନ ନୁହେଁ, ବରଂ ଏହା ସାମାଜିକ ସଂସ୍କାର ଓ ମାନବୀୟ ଚେତନାର ଏକ ମାର୍ମିକ ଦଲିଲ୍। ସମୁଦାୟ ୨୫ଟି କାଳଜୟୀ ଗଳ୍ପକୁ ନେଇ ସମୃଦ୍ଧ ଏହି ପୁସ୍ତକଟି ପାଇଁ ଗାଳ୍ପିକଙ୍କୁ ୨୦୨୦ ମସିହାରେ ସମ୍ମାନଜନକ 'କେନ୍ଦ୍ର ସାହିତ୍ୟ ଆକାଦେମୀ ବାଲ୍ ସାହିତ୍ୟ' ପୁରସ୍କାରରେ ସମ୍ମାନିତ କରାଯାଇଛି, ଯାହା ଏହି ଗ୍ରନ୍ଥର ସାହିତ୍ୟିକ ଗାରିମାକୁ ସ୍ପଷ୍ଟ ପ୍ରମାଣିତ କରେ। ଏହି ପୁସ୍ତକର ଏକ ପ୍ରମୁଖ ଦିଗ ହେଉଛି ପରିବେଶ ସୁରକ୍ଷା। ସଙ୍କଳନର ପ୍ରଥମ ଗଳ୍ପ ସମେତ ଅଷ୍ଟାଦଶରୁ ପଞ୍ଚବିଂଶ ଗଳ୍ପ ପର୍ଯ୍ୟନ୍ତ ନଅଟି ଯାକ ବିଷୟ କେବଳ ପ୍ରକୃତିର ବନ୍ଦନା ଓ ବୃକ୍ଷର ମର୍ଯ୍ୟାଦା ଉପରେ ଆଧାରିତ। ଗାଳ୍ପିକ ଏଠାରେ ବୃକ୍ଷକୁ କେବଳ ଏକ ଉଦ୍ଭିଦ ଭାବେ ନୁହେଁ, ବରଂ 'ଜୀବନ୍ତ ଦେବତା' ଭାବେ ଉପସ୍ଥାପିତ କରିଛନ୍ତି। ବୃକ୍ଷରୋପଣ ଯେ ଏକ ପବିତ୍ର କର୍ମ ଏବଂ ଅରଣ୍ୟ ସୁରକ୍ଷା ହିଁ ମାନବ ସଭ୍ୟତାର ସୁରକ୍ଷା, ଏହା ତାଙ୍କ ଗଳ୍ପର ମୂଳମନ୍ତ୍ର। ସଂକଳନର ପ୍ରଥମ ଗଳ୍ପ 'ବଣଦେଉଳ' ଗଳ୍ପରେ ପରିବେଶ ସୁରକ୍ଷାର ସ୍ୱର ଦେଖାଯାଏ । ମଣିଷଜାତି ଆଦିମ କାଳରୁ ବୃକ୍ଷକୁ ଦେବତା ଭାବେ ପୂଜା କରି ଆସିଛି। ଆଧୁନିକ ଯୁଗରେ ମଣିଷର କ୍ରମବର୍ଦ୍ଧିଷ୍ଟ ଜନସଂଖ୍ୟା ହେତୁ ସେ ଜଙ୍ଗଲକ୍ଷୟ କରିବାରେ ଲାଗିଛି। କିନ୍ତୁ ବଣରେ ରହୁଥିବା ଫଗୁଆ ନନା ବଣର ପ୍ରତ୍ୟେକ ବୃକ୍ଷରେ ଦେବତାଙ୍କ ବାସଥିବାର ଅନୁଭୂତି କରନ୍ତି। ସର୍ବତ୍ର ଆଧ୍ୟାତ୍ମିକ ପରିବେଶ ଥିବାରୁ ବନ୍ୟଜନ୍ତୁ ମାନେ ମଧ୍ୟ ହିଂସ୍ରରୁ ଶାନ୍ତ ପଶୁରେ ପରିଣତ ହୋଇଥିଲେ । ମଣିଷ ମାନଙ୍କର ଜଙ୍ଗଲ ନଷ୍ଟ ପରି ଦୁର୍ଗତିକୁ ଶେଷ କରିବା ନିମନ୍ତେ ପଗୁଆ ନନା ଓ ପଶୁପକ୍ଷୀ କିପରି ପଦକ୍ଷେପ ନେଇ ଜଙ୍ଗଲକୁ ବଞ୍ଚେଇ ପାରିଛନ୍ତି ତାହା ବର୍ଣ୍ଣିତ। ପରିବେଶର ପ୍ରକୃତ ବନ୍ଧୁ ହେଉଛି ବୃକ୍ଷ। ଗୋଟିଏ ବୃକ୍ଷ ରୋପଣ କଲେ ସେ ଶହେ ଲୋକଙ୍କୁ ସାହାଯ୍ୟକରେ। ସେହି ମର୍ମରେ ମଣି ସାହୁ ବା ମଣିଆ ଭାଈ ଲଗାଇଥିବା ଅନେକ ବୃକ୍ଷ ନିଜ ବାଡ଼ିରେ ହେଉ ଅବା ପାଖ ପଡ଼ିଆରେ ନିଜ ହାତରେ ଗଢ଼ି ତୋଳିଥିବା ତୋଟା ହେଉ ପ୍ରତ୍ୟେକ ବୃକ୍ଷର ଫଳ, ପୁଷ୍ପ, ପତ୍ର ଆଦି ଗ୍ରାମର ପ୍ରତ୍ୟେକ ବ୍ୟକ୍ତିଙ୍କ କାର୍ଯ୍ୟକାରୀ ହୋଇପାରୁଛି। ମଣିଆ ଭାଈ ନିର୍ଲୋଭରେ ସବୁବେଳେ ମଧ୍ୟ ଗ୍ରାମବାସୀଙ୍କୁ ସୁବିଧା ଯୋଗାଇଛି ଏବଂ ଯାହାର ଫଳ ସ୍ୱରୂପ ସେ ସମ୍ମାନିତ ହେବା ସହ ଆଦରପାତ୍ର ହୋଇଛି ବୋଲି ଗାଳ୍ପିକ 'ମଣିଆ ତୋଟା' ଗଳ୍ପରେ ଉଲ୍ଲେଖ କରିଛନ୍ତି।


© 2026 ନିଶିକାନ୍ତ ବଳ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ସ୍ୱଚ୍ଛତାରେ ଭଗବାନଙ୍କ ବାସ। ଯେଉଁ ସ୍ଥାନ ବା ଅଞ୍ଚଳ ସ୍ୱଚ୍ଛ ଥାଏ ସେଠାରେ କୌଣସି ରୋଗ ବୈରାଗ ସ୍ପର୍ଶ ନଥାଏ। ଏହି ସ୍ୱଚ୍ଛତାର ବାର୍ତ୍ତାକୁ 'ବୁଝିଲେ ହେଲା' ଗଳ୍ପରେ ଗାଳ୍ପିକ ବର୍ଣ୍ଣନା କରିଛନ୍ତି। ଖଣ୍ଡପଡ଼ା ଗ୍ରାମର ପୋଖରୀରେ ନାନା ପ୍ରକାର ଦୂଷିତ ପଦାର୍ଥ ପକେଇବା ପଶୁକୁ ଗାଧେଇ ଦେବା ଦ୍ୱାରା ଜଳର ପ୍ରଦୂଷଣ ହେଲା। ମୀନା ଗାଁ ଲୋକଙ୍କ କଥାକୁ କର୍ଣ୍ଣପାତ ନ କରି ପୋଖରୀକୁ ଦୂଷିତ କରିବାରୁ ହଇଜା ଓ ଚର୍ମରୋଗର ଶିକାର ଗ୍ରାମବାସୀ ହେବା କଥା ଏଥିରେ ବର୍ଣ୍ଣିତ। 'ବକ୍ର ମନ୍ଦିରରେ ବିମଳେଶ୍ୱର', 'ଶିମିଳି ପାଳରେ ବରେହି ପାଣି', 'ଭୁବନମୋହିନୀ ସାନଘାଗରା', ଆଦି ଗଳ୍ପ ପର୍ଯ୍ୟଟନ ସ୍ଥାନକୁ ଆଧାର କରି ରଚିତ। 'ବକ୍ର ମନ୍ଦିରରେ ବିମଳେଶ୍ୱର' ଗଳ୍ପରେ ଗାଳ୍ପିକ ସମ୍ବଲପୁର ସହର, ମହାନଦୀର ସୌନ୍ଦର୍ଯ୍ୟମୟ ଦୃଶ୍ୟ ସଂପର୍କରେ ନିଖୁଣ ବର୍ଣ୍ଣାନା କରିଛନ୍ତି। ସମ୍ବଲପୁରର ପ୍ରସିଦ୍ଧ ହୁମା ମନ୍ଦିରର ଐତିହ୍ୟ ଏହି ଗଳ୍ପର ମୁଖ୍ୟ ବିଷୟ। ମନ୍ଦିରରେ ବିରାଜିତ ବିମଳେଶ୍ୱର ମହାଦେବଙ୍କର ମାହାତ୍ମ୍ୟ ଏହି ଗଳ୍ପଟିକୁ ଯଥେଷ୍ଟ ରସମୟ କରିପାରିଛନ୍ତି। ସେହିପରି 'ଶିମିଳିପାଳରେ ବରେହି ପାଣି' ଗଳ୍ପରେ ଶିମିଳିପାଳ ଜଙ୍ଗଲ ପ୍ରାକୃତିକ ମନୋରମା ଦୃଷ୍ୟାବଳି ଆଲୋଚିତ। ଶିମିଳିପାଳ ଜଙ୍ଗଲ ମଧ୍ୟରେ ରହିଛି ବରେହିପାଣି ଜଳପ୍ରପାତ ଛୋଟବଡ଼ ପାହାଡ଼, ଘଞ୍ଚ ଅରଣ୍ୟ ପ୍ରାକୃତିକ ସବୁଜିମା ବାରେହିପାଣିର ଦୃଶ୍ୟ ଦର୍ଶକମାନଙ୍କୁ ବିମୋହିତ କରୁଛି। ଏତଦ୍ ବ୍ୟତୀତ ନଅଣା, ବୋରନ୍ଧା ପ୍ରଭୃତି ସ୍ଥାନମାନଙ୍କର ଦୃଶ୍ୟକୁ ମଧ ଗାଳ୍ପିକ ସୁନ୍ଦର ଭାବାରେ ବର୍ଣ୍ଣନା କରିଛନ୍ତି। 'ଭୁବନମୋହିନୀ ସାନଘାଗରା' ଗଳ୍ପରେ କେନ୍ଦୁଝର ବଡ଼ ଘାଗରା ସାନଘାଗରା ପରିଭ୍ରମଣ ରମ୍ୟ ଅନୁଭୂତିର ସମୟ ଆବେଗରେ ଗଳ୍ପଟି ପରିପୂର୍ଣ୍ଣ। ଯୋଡ଼ିଆଘାଟି, ମାଛକାନ୍ଦଣା ନଈର ସ୍ୱଚ୍ଛଜଳ ରାଶି ପରିବ୍ରାଜକ ମାନଙ୍କ ମନକୁ ବେଶ୍ ଛୁଇଁଥାଏ। ଏତଦ୍ ବ୍ୟତିତ କେନ୍ଦୁଝରର ଅଧିଷ୍ଠାତ ଦିଅଁ ବଳଦେବଜୀଉ ମନ୍ଦିର ପ୍ରାଣ କେନ୍ଦ୍ର ରୂପେ ପ୍ରତିଷ୍ଠିତ ବୋଲି ଏଥିରେ ବର୍ଣ୍ଣିତ। ଲୋଭ ଶବ୍ଦଟି ମଣିଷ ନିମନ୍ତେ କ୍ଷତିକାରକ । କଥାରେ ଅଛି ଲୋଭ ହେଉଛି ସବୁଠାରୁ ବଡ଼ ପାପ। ତେବେ ମଣିଷ ହେଉ ଅବା ପଶୁପକ୍ଷୀ ଯେ ଲୋଭ କରେ ସେ ନିଜ ପାପର ଫଳକୁ ଭୋଗ କରେ। ଗାଳ୍ପିକ 'ବଣଭୋଜି ମଜା', 'ସୁନା ନେଉଳ', 'ମାଙ୍କଡ଼ର କାକରା ଛଣା', 'ଗୁଡ଼ଖିଆର ମଜା', ଆଦି ଗଳ୍ପରେ ଏହି କଥା କହିଛନ୍ତି। ମାଙ୍କଡ଼ କିପରି ନିଜ ଲୋଭ ସମ୍ଭାଳି ନପାରି ତତଲା ତେଲରେ ହତା ପୁରାଇ ଦଶା ଭୋଗିଛି ସେ ସଂପର୍କରେ ବେଶ୍ ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି 'ମାଙ୍କଡ଼ର କାକରା ଛଣା' ଗଳ୍ପରେ। 'ସୁନା ନେଉଳ' ଗଳ୍ପରେ ଭଗବାନଙ୍କ ପ୍ରେରିତ ସୁନା ନେଉଳ ଦାଢ଼ିଆ ବାବାଜୀଙ୍କ ଆଶ୍ରମରେ ରହି ଆଶ୍ରମକୁ ସୁନାରେ ପରିଣତ କରିଥିଲା। କାରଣ ବାବାଜୀ ଥିଲେ ନିର୍ଲୋଭୀ , ଧର୍ମ ପରାୟଣ ଓ ହିଂସା ଦ୍ୱେଷରୁ ବହୁ ଦୂରରେ ରହୁଥିବା ମଣିଷ। ରାଜ୍ୟର ରାଜା ସେ ସୁନା ନେଉଳ ବିଷୟରେ ଜାଣି ତାକୁ ନେବାପାଇଁ ଲୋଭ କରିବାରୁ ରାଜା ବହୁତ ଦୁଃଖ ପାଇଲେ। ରାଣୀଙ୍କ ଗୋଡ଼ରେ ନେଉଳ ଶୋଇଥିବାରୁ ରାଣୀଙ୍କ ଗୋଡ଼ ମଧ ସୁନାରେ ପରିଣତ  ହୋଇଗଲା ଯାହା ଫଳରେ ରାଣୀ ଛୋଟା ହେଲେ । ଅନେକ ଭଲ ଗୁଣଥିଲେ ମଧ ଲୋଭ ଗ୍ରାସ କଲେ ସବୁ ଦୁର୍ଗଣରେ ପରିଣତ ହୁଏ ବୋଲି ଗାଳ୍ପିକ ଏଥିରେ ଉଲ୍ଲେଖ କରିଛନ୍ତି। 'ଗୁଡ଼ଖିଆ ମଜା' ଗଳ୍ପରେ ଜାଡୁ ଭାଇ ଧେଡୁଆ ବୁଢ଼ା ବୁଢ଼ିଙ୍କ ଗୁଡ଼ କଳସରେ ଲୋଭ ରଖି ପ୍ରତିଦିନ ଗୁଡ଼ ଚୋରି କରିବାରୁ ଦିନେ ଗୁଡ଼ ପରିବର୍ତ୍ତେ ଅଲ୍‌କାତରା ଖାଇ ଡାକ୍ତରଖାନାରେ ଯାଇ କିପରି ହନ୍ତସନ୍ତ ହୋଇଛି ତାହା ବର୍ଣ୍ଣିତ। ସେହିପରି 'ବଣଭୋଜି ମଜା' ଗଳ୍ପରେ ଖଣ୍ଡାଧାର ଜଳପ୍ରପାତ ନିକଟବର୍ତ୍ତି ଜଙ୍ଗଲରେ ବାସ କରୁଥିବା ବନ୍ୟଜୀବଜନ୍ତୁ ଏକ ଭୋଜିର ଆୟୋଜନ କଲେ। ମାତ୍ର ବିଲୁଆ ରନ୍ଧା ଯାଇଥିବା ଖାଦ୍ୟକୁ ଏକାକୀ ଖାଇବା ନିମନ୍ତେ ଚିନ୍ତା କରିଥିଲା। ବାଘ, ଭାଲୁ ପ୍ରଭୃତି ଜୀବକୁ ଠକିବା ଥିଲା ତାର ଏକ ଚକ୍ରାନ୍ତ ଯାହାର ପରିଣାମ ସ୍ୱରୂପ ତାର ମୃତ୍ୟୁ ଘଟିଥିଲା। 'କଇଁଆ ମୂଳରେ କଇଁଚ ମେଳା' ଗଳ୍ପଟିରେ ଗାଳ୍ପିକ ପରିବାରର ବାୟୋଜ୍ୟେଷ୍ଠ ବ୍ୟକ୍ତି କିପରି ନିଜର ସନ୍ତାନ ସନ୍ତତି ମାନଙ୍କର ଭବିଷ୍ୟତକୁ ନେଇ ସଦା ଚିନ୍ତିତ ରହିଥାଏ ସେହି ସଂପର୍କରେ ବର୍ଣ୍ଣନା କରିଛନ୍ତି। ମୁଖ୍ୟ ଚରିତ୍ରରେ ବୁଢ଼ା କଇଁଚ ଟିଏ ସ୍ଥାନିତ। ମଣିଷ ଜାତିର କ୍ରୁରତାର ଶିକାର ହୋଇ ଦିନକୁ ଦିନ କଇଁଚ ମାନଙ୍କର ସଂଖ୍ୟା ଲୋପ ପାଇବାରେ ଲାଗିଛି। ତେଣୁ ନିଜର ବଂଶରକ୍ଷା ନିମିତ୍ତ ବୁଢ଼ା କଇଁଚର ପ୍ରୟାସ ଏହି ଗଳ୍ପଟିକୁ ରୁଦ୍ଧିମନ୍ତ କରିଛି। ମଣିଷ ପୃଥିବୀର ଶ୍ରେଷ୍ଠତମ ଜୀବ। ଭଗବାନ୍ ତାକୁ ମସ୍ତିଷ୍କ ଓ ବୁଦ୍ଧି ପ୍ରଦାନ କରିଛନ୍ତି। ଏହି ବୁଦ୍ଧିର ବିକାଶ ଘଟେ ପାଠ ପଢ଼ିଲେ। ତେଣୁ ବାଲ୍ୟକାଳରୁ ପିଲାଙ୍କୁ ବିଦ୍ୟାଳୟକୁ ପଠାଇ ଦିଅନ୍ତି ଗୁରୁଜନମାନେ। ଫଳ ପୂର୍ବକ ପାଠ ପଢ଼ି ନିଜ ବୁଦ୍ଧି ବଳରେ ନିଜ ଗୋଡ଼ରେ ଠିଆ ହୋଇ ଧନ ଅର୍ଜନ ସହ ସମାଜର ମଧ ହିତ ସାଧନା କରି ପାରିବେ। ସପନା କିନ୍ତୁ ପିଲାବେଳେ ପାଠ ନପଢ଼ି ଦୁଷ୍ଟାମି କରିବାରୁ ହେଳା କଲେ ଭେଳା ବୁଡ଼ିବା ଭଳି ଅବସ୍ଥା ଭବିଷ୍ୟତରେ ଦେଖାଗଲା। ଧନ ଅର୍ଜନର କୌଣସି ପନ୍ଥା ନ ମିଳିବାରୁ ପାଠ ପଢ଼ାର ମୂଲ୍ୟ ବୁଝି ସେ ପାଠ ପଢିଲା ଏବଂ ଧିରେ ଧିରେ ନିଜକୁ ଉପାର୍ଜନ କ୍ଷମ କଲା। ଚାଷବାସ ଠାରୁ ପୁରାଣ ପଢ଼ି ଗ୍ରାମସେବା ସବୁ କରି ବେଶ୍ ସୁନାମ ଅର୍ଜନ କଲା ଓ ସମସ୍ତଙ୍କର ପ୍ରଂଶସାର ପାତ୍ର ହେଲା। ତେଣୁ ମନ ଲଗାଇ ପାଠ ପଢ଼ିଲେ ସଫଳତା ଅବଶ୍ୟ ମିଳେ ବୋଲି 'ସପନା ଜାଣିଲା ପାଠର ମଜା' ଗଳ୍ପରେ ଉଲ୍ଲେଖ ଅଛି। ନମ୍ରତା, ଭକ୍ତିଭାବ ,ଧୌର୍ଯ୍ୟ ଆଦି ମଣିଷକୁ ଉଚ୍ଚସ୍ତରକୁ ନେଇଯାଏ। ଛୋଟବେଳୁ ବାପା ମାଙ୍କ କଥାକୁ ପାଥେୟ କରି କହ୍ନେଇ ଜୀବନରେ ଅଗ୍ରସର ହୋଇଛି। ଖେଳ କୁଦରେ ପାରଙ୍ଗମ ନଥିବାରୁ ପିଲାଏ ଚିଡ଼େଇବା ବେଳେ କହ୍ନେଇ ନମ୍ରତାର ସହ କେବଳ ହସି ଦେଇ ଚାଲିଆସେ। ସେହିପରି ନିଜ ମାଙ୍କ କଥା ମାନି ସବୁବେଳେ ଶ୍ରୀଜଗନ୍ନାଥଙ୍କ ନିକଟରେ ନିଜକୁ ସମର୍ପି ଦେଇଥାଏ କହ୍ନେଇ। ଅଭାବ ଅନଟନ ଓ ସାଙ୍ଗମାନଙ୍କ ନାନା ପ୍ରକାର ହଇରାଣ ହରକତ ସତ୍ତ୍ୱେ ମଧ ଧୌଯ୍ୟର ସହ ପାଠ ପଢ଼େ। ଅଧ୍ୟବସାୟ ଈଶ୍ୱରଙ୍କ ଆଶୀର୍ବାଦ ଓ ବାପା ମା'ଙ୍କ ଆଶୀର୍ବାଦ ହେତୁ ବଡ଼ ହୋଇ ସେ ଭଲ ଡାକ୍ତର ଟିଏ ହୋଇ ପାରିଛି ଓ ରୋଗୀସେବା ନିମନ୍ତେ ଜୀବନକୁ ଉତ୍ସର୍ଗ କରିଛି। ତେଣୁ ସବୁବେଳେ ଈଶ୍ୱରଙ୍କ ବିଶ୍ୱାସୀ ଓ ନମ୍ର ହେବା ଦ୍ୱାରା ସଫଳତାକୁ ପ୍ରାପ୍ତ କରିହେବ ବୋଲି ସଂକଳନରେ ଥିବା 'କହ୍ନେଇ କହେନି କାହାକୁ ମିଛ' ଗଳ୍ପରେ ବର୍ଣ୍ଣିତ। କଥାରେ ଅଛି ସତ କହିବାକୁ କିଆଁ ଡରିବି, ସତ କହି ପଛେ ମଲେ ମରିବି । ସତ୍ୟବାଦୀ ହେବା ମନୁଷ୍ୟର ଏକ ବିଶେଷ ଗୁଣ। ଏହି ବିଶେଷ ଗୁଣକୁ ପରଖିବାକୁ ସ୍ୱର୍ଗପୁରରୁ ଦୁଇ ଦେବତା ଛଦ୍ମବେଶରେ ଧରାପୃଷ୍ଠକୁ ଅବତାରଣା କରିଥିଲେ। ଘୋଡାଟିକୁ ଦେଖି ରାଜାଙ୍କର ଉକ୍ତ ଘୋଡାକୁ ଘୋଡ଼ାଶାଳରେ ରଖିବାକୁ ମନ ବଳାଇଲେ। ଘୋଡ଼ାର ବେଗ ପରୀକ୍ଷା ବେଳେ ଘୋଡ଼ା ଏବଂ ତାର ମାଲିକ ସର୍ତ୍ତ ରଖିଥିଲେ ଯେ ଯେଉଁ ବ୍ୟକ୍ତି ଜୀବନ କାଳରେ କଦାପି ମିଥ୍ୟା କହିନଥିବ କେବଳ ସେ ହିଁ ଘୋଡାକୁ ଚଢ଼ିପାରିବ। ରାଜ୍ୟର ବହୁ ତାଲିମ୍ ପ୍ରାପ୍ତ ଅଶ୍ୱଚାଳକ ମାନେ ଏଥିରୁ ବାଦ୍ ପଡ଼ିଯାଇଥିବା ବେଳେ ରାଜ୍ୟର ନଅ ବର୍ଷର ବାଳକ ଟିଏ ନିଜ ସତ୍ୟତା ବଳରେ ଅକ୍ଳେଶର ଘୋଡାକୁ ଚଢ଼ି ପାରିଥିଲା। ତେଣୁ ସର୍ବଦା ସତ୍ୟ ବଚନ କହିବାକୁ ଉପଦେଶ ଦିଆଯାଇଛି  'ସତିଆ ଘୋଡ଼ା' ଗଳ୍ପରେ । ସଙ୍କଳନର 'ବଙ୍କା ବାରିକର ବାଙ୍କୁଲି ବାଡ଼ି', 'ଜେଜେଙ୍କ କଳାହାତା', 'ଜାଣିଲେ ତୁମକୁ ଡାକିବି ହରି','ଆମ ଗାଁ ବୁଲିନାନୀ', 'ସପନା ମାଆର ଠାକୁର ଦେଖା', 'କାଳୀନାନି ସ୍ୱର ଭାରି ମଧୁର', 'ନାନୀବରା', 'ପିଙ୍କି ପାଇଲା ପୁରସ୍କାର', 'ଗେଡ଼ା ବାବାଙ୍କ ଘୋଡ଼ାଚଢ଼ା', 'ତାଳ ଚୋରିର ମଜା', ଆଦି ଗଳ୍ପରେ ହାସ୍ୟରସ, ନୀତିଶିକ୍ଷା, ଉପଦେଶମୂକ କଥା ରହିଛି।

ପରିଶେଷରେ ଏତିକି କୁହାଯାଇପାରେ ଯେ, ଗାଳ୍ପିକ ଡକ୍ଟର  ରାମଚଂଦ୍ର ନାୟକ ବାସ୍ତବରେ ଜଣେ ସଫଳ ଶିଶୁ ସାହିତ୍ୟିକ । ଶିଶୁର କଅଁଳ ମନକୁ ସେ ସହଜରେ ବୁଝିଛନ୍ତି ଓ ପରଖିଛନ୍ତି ଶିଶୁର ଚପଳ ମନସ୍ତତ୍ତ୍ୱକୁ। ଶୈଶବ ଅବସ୍ଥାରେ ଉତ୍ତମ ନୀତିଆଦର୍ଶରେ ପରିଚାଳିତ ହେଲେ ହେଁ ଭବିଷ୍ୟତରେ ସେ ଉତ୍ତମ ନାଗରିକରେ ପରିଣତ ହୋଇପାରିବ। ଶିକ୍ଷା ,ସଭ୍ୟତା ସଂସ୍କାର, ସଂସ୍କୃତି ପ୍ରତି ଶିଶୁକୁ ଆକୃଷ୍ଟ କରିବା ତାଙ୍କ ଗଳ୍ପର ମୁଖ୍ୟ ଉଦ୍ଦେଶ୍ୟ। ଏତଦ୍ ବ୍ୟତିତ ପ୍ରକୃତି ପ୍ରୀତି, ପ୍ରାକୃତିକ ସମ୍ପଦର ସୁବିନିଯୋଗ ସହ ଏହାର ସଂରକ୍ଷଣ ଆଦି ମହତ ଶିକ୍ଷା ମଧ ତାଙ୍କ ରଚନା ବଳିକୁ ସମୃଦ୍ଧ କରିଅଛି। ଅତୀତ ଉତ୍କଳର ବୀରମାନଙ୍କର ଗୌରବ ଗାଥାକୁ କେତେକ ଗଳ୍ପରେ ସେ ଖୁବ୍ ଭଲ


© 2026 ନିଶିକାନ୍ତ ବଳ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ଭାବରେ ଚିତ୍ରିତ କରିଛନ୍ତି। ଯାଦ୍ୱାରା ଚପଳମତି ଶିଶୁ ତା ପୂର୍ବ ପୁରୁଷ ମାନଙ୍କର ବୀରଗାଥା ଶ୍ରବଣ କରି ମହିମାମଣ୍ଡିତ ହେବ। ଏହା ଦ୍ୱାରା ମଧ୍ୟ ଶିଶୁ ମଧ୍ୟରେ ଜାତୀୟତା ଭାବ ଜାଗ୍ରତ ହେବା ସହ ଜନ୍ମଭୂମିର ସେବାରେ ନିଜକୁ ଉତ୍ସର୍ଗୀକୃତ କରିପାରିବ

## ସଂକେତ ସୂଚି :


1. ନାୟକ ଡ. ରାମଚନ୍ଦ୍ର. *କଣ୍ଢେଇ ଖେଳ*. କଟକ: କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର; ୧୯୯୧. ପୃ. ୬।
2. ନାୟକ ଡ. ରାମଚନ୍ଦ୍ର. *ସୋଲାବାଲା*. ପୃ. ୪।
3. ନାୟକ ଡ. ରାମଚନ୍ଦ୍ର. *ଆମ ଦେଶର ଜାତୀୟ ପ୍ରତୀକ*. କଟକ: ଗ୍ରନ୍ଥମନ୍ଦିର; ୨୦୦୫. ପୃ. ୩।
4. ସେହିଠାରେ. ପୃ. ୧୧।
5. ସେହିଠାରେ. ପୃ. ୨୦।



**Creative Commons License**

This article is an open-access article distributed under the terms and conditions of the Creative Commons Attribution–Non-commercial–No Derivatives 4.0 International (CC BY-NC-ND 4.0) License. This license permits users to copy and redistribute the material in any medium or format for non-commercial purposes only, provided that appropriate credit is given to the original author(s) and the source. No modifications, adaptations, or derivative works are permitted.



**About the Corresponding Author**



**ନିଶିକାନ୍ତ ବଳ** ସାଂପ୍ରତିକ ଓଡ଼ିଆ ସାହିତ୍ୟ ଜଗତରେ ଜଣେ ସମ୍ଭାବନାମୟ ସାରସ୍ୱତ ସାଧକ। ସେ ଐତିହାସିକ ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ଓଡ଼ିଆରେ ସ୍ନାତକୋତ୍ତର (୨୦୨୩) ଏବଂ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟରୁ ଇଂରାଜୀରେ ସ୍ନାତକୋତ୍ତର (୨୦୨୫) ଶିକ୍ଷା ସମାପ୍ତ କରିଛନ୍ତି। ଏହା ସହିତ ସେ ବି.ଇଡି. ଶିକ୍ଷା ଗ୍ରହଣ କରିବା ସହ UGC NET ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି।




© 2026 ନିଶିକାନ୍ତ ବଳ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/